# ୧୭୦ ପାଇପ୍ ଜଳ ପ୍ରକଳ୍ପ ଅଚଳ

**ଛତ୍ରପୁର,୯।୨(ଡି.ଏନ.ଏ.)**

**ଗଞ୍ଜାମ ଜିଲା**
- ୧୧୧ ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ
- ଜୁନ୍‌ରେ ସରିବ ୪୭ ପ୍ରକଳ୍ପ କାମ
- ୩୭ ପ୍ରକଳ୍ପ କାମ ଆରମ୍ଭ ହୋଇନି

ଆଗକୁ ଖରାଦିନ ଆସୁଛି। ଅପରପକ୍ଷରେ ପୂର୍ବ ବର୍ଷମାନଙ୍କ ଭଳି ଗଞ୍ଜାମ ଜିଲାରେ ପିଇବା ପାଣି ଅଭାବ ଲାଗି ରହିବା ଆଶଙ୍କା ଦେଖାଦେଇଛି। ଜିଲା ଗ୍ରାମାଞ୍ଚଳରେ ଥିବା ୧୭୦ ପାଇପ୍ ଜଳଯୋଗାଣ ପ୍ରକଳ୍ପ ଅଚଳ ରହିଥିବା ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ବ୍ରହ୍ମପୁର ଓ ଭଞ୍ଜନଗର ଡିଭିଜନ ପକ୍ଷରୁ ଡିଆରଡିଏ କାର୍ଯ୍ୟାଳୟକୁ ଦିଆଯାଇଥିବା ରିପୋର୍ଟରୁ ଏହା ଜଣାପଡିଛି। ଏଥିସହ ୧୧୧ ନୂଆ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ଅଧାପନ୍ତରିଆ ରହିଛି। ଏଥିରୁ ଖରାଦିନ ସରିବା ପରେ ଅର୍ଥାତ୍ ଜୁନ୍‌ରେ ୪୭ ପ୍ରକଳ୍ପ କାର୍ଯ୍ୟ ସରିବ ବୋଲି ଉକ୍ତ ରିପୋର୍ଟରେ ବିଭାଗ ପକ୍ଷରୁ ଦର୍ଶାଯାଇଛି। ସେଥିମଧ୍ୟରେ ବ୍ରହ୍ମପୁର ଡିଭିଜନର ୨୫ ଓ ଭଞ୍ଜନଗର ଡିଭିଜନର ୨୨ ପାଇପ୍ ଜଳଯୋଗାଣ ପ୍ରକଳ୍ପ ରହିଛି। ଏଥିସହ ୩୭ ପ୍ରକଳ୍ପ କାମ ଜମା ଆରମ୍ଭ ହୋଇନି। ଏହି ସବୁ କାରଣରୁ ପାଣି ସମସ୍ୟା ପୂର୍ବବର୍ଷ ଭଳି ଉତ୍କଟ ହେବ ବୋଲି ଅନୁମାନ କରାଯାଉଛି। ଜିଲାରେ ୧୫୦୫ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ବ୍ରହ୍ମପୁର ଡିଭିଜନର ୮୨୭ରୁ ୭୭ ଓ ଭଞ୍ଜନଗର ଡିଭିଜନର ୬୭୮ ମଧ୍ୟରୁ ୯୩ ପ୍ରକଳ୍ପ ଅଚଳ ରହିଛି। ଉକ୍ତ ୧୭୦ ପ୍ରକଳ୍ପ ଅଚଳ ମଧ୍ୟରେ ଚିକିଟି ବ୍ଲକର ୮, ଦିଗପହଣ୍ଡି ୧୨, ପାତ୍ରପୁର ୭, ସାନଖେମୁଣ୍ଡି ୯, ଛତ୍ରପୁର ୫, ରଙ୍ଗେଇଲୁଣ୍ଡା ୬, ଗଞ୍ଜାମ ୮, ଖଲ୍ଲିକୋଟ ୧୧, ହିଞ୍ଜିଳି ୨, କୁକୁଡାଖଣ୍ଡି ୩, ଶେରଗଡ ୬, ଆସିକା ୫, ଧରାକୋଟ ୪, ଭଞ୍ଜନଗର ଗୋଟିଏ, ବେଲଗୁଣ୍ଠା ୯, ଜଗନ୍ନାଥପ୍ରସାଦ ୬, ସୋରଡା ୯, ବେଗୁନିଆପଡା ୧୪, କବିସୂର୍ଯ୍ୟନଗର ୧୧, ପୋଲସରା ୨୧ ଓ ପୁରୁଷୋତ୍ତମପୁର ବ୍ଲକର ୯ ପାଇପ୍ ଜଳଯୋଗାଣ ପ୍ରକଳ୍ପ ଅଚଳ ରହିଛି।

ସେହିପରି ଜିଲାରେ ୨୨୨ ନୂଆ ପାଇପ୍ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ ଅନୁଦାନ ଆସିଥିଲା। ଏଥିରୁ ବର୍ତ୍ତମାନ ସୁଦ୍ଧା ୭୪ ପ୍ରକଳ୍ପ କାମ ସରିଥିବା ବେଳେ ୧୧୧ ପ୍ରକଳ୍ପ କାମ ଚାଲିଛି। ୩୭ ପ୍ରକଳ୍ପ କାମ ଆରମ୍ଭ ହୋଇ ନ ଥିବା ସୂଚନା ଦିଆଯାଇଛି। ଅପରପକ୍ଷରେ ଛତ୍ରପୁର ବ୍ଲକ ୭ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାକୁ ବାକିଥିବା ବେଳେ ଚିକିଟିର ୪, ପାତ୍ରପୁରର ୭, ଦିଗପହଣ୍ଡିର ୧୦, ଗଞ୍ଜାମର ୭, ଖଲ୍ଲିକୋଟର ୧୨, କୁକୁଡାଖଣ୍ଡି ବ୍ଲକ ୫, ରଙ୍ଗେଇଲୁଣ୍ଡା ୭, ସାନଖେମୁଣ୍ଡିର ୧୨, ଶେରଗଡର ୯, ଆସିକାର ୮, ବେଗୁନିଆପଡାର ୭, ବେଲଗଣ୍ଠାର ୨, ଭଞ୍ଜନଗରର ୫, ବୁଗୁଡାର ୪, ଧରାକୋଟର ୧୨, ଜଗନ୍ନାଥପ୍ରସାଦର ୪, କବିସୂର୍ଯ୍ୟନଗରର ୨, ପୋଲସରା ୮, ପୁରୁଷୋତ୍ତମପୁରର ୫ ଓ ସୋରଡା ବ୍ଲକର ୧୧ ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାକୁ ବାକି ରହିଛି।

## ସଂକ୍ଷେପରେ

### ଚିଟ୍ରାପଙ୍ଗା ପଞ୍ଚାୟତରେ ରକ୍ତଦାନ ଶିବିର

**ଖଜୁରିପଡ଼ା (ଡି.ଏନ.ଏ.)/ ବଲସକୁମ୍ପା,୯।୨:** ଖଜୁରିପଡ଼ା ବ୍ଲକ ଚିଟ୍ରାପଙ୍ଗା ଗ୍ରାମପଞ୍ଚାୟତରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷ ବୀରେନ୍ଦ୍ର କୁମାର କହଁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଗୀତାଞ୍ଜଳି ଜାନୀ, ସମିତିସଭ୍ୟା ମନିଷା ଦିଗାଲ, ସମାଜିକ କର୍ମୀ ବିଦୂର ବେହେରା ଯୋଗ ଦେଇଥିଲେ। ଅନନ୍ତ ଦିଗାଲ ଏବଂ ନାଏବ ସରପଞ୍ଚ ବ୍ରହ୍ମାନନ୍ଦ ଦିଗାଲ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଶିବିରରେ ଅଞ୍ଚଳବାସୀଙ୍କ ସମେତ ବିଜୁ ଯୁବ ବାହିନୀର ସଭ୍ୟାସଭ୍ୟ ଓ ଭାଗବତ ଯୁବକ ସଂଘର ଯୁବତୀ ଯୁବକ ରକ୍ତଦାନ କରିଥିଲେ। ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନେ ରକ୍ତ ସଂଗ୍ରହ କରିଥିବା ବେଳେ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ୱାର୍ଡମେମ୍ବରମାନେ ପ୍ରମୁଖ ସହଯୋଗ କରିଥିଲେ।

### ରାମଗିରିରେ ଅଷ୍ଟପ୍ରହର ନାମଯଜ୍ଞ

ରାମଗିରି,୯।୨(ଡି.ଏନ୍.ଏ.)- ରାମଗିରିଠାରେ ମାଘ ପୂର୍ଣ୍ଣମୀରେ ଗୌଡ଼ ସାହିର ମଣ୍ଡପଠାରେ ରବିବାର ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ଜଳ ଯାତ୍ରା ଓ ଅଧିବାସ ନୀତି ପାଳନ କରାଯାଇଥିଲା। ରବିବାର ସକାଳୁ ଶ୍ରଦ୍ଧାଳୁମାନେ ଯୋଗଦେଇ ନାମ ଜପ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୦ ତାରିଖରେ ଉଦ୍‌ଯାପିତ ହେବ। ଏହାକୁ ଆନନ୍ଦ ଗୌଡ଼, ବିଷ୍ଣୁନାଥ ଗୌଡ଼, ଗୋବିନ୍ଦ ଚୌଧୁରୀ, ଉଦନାଥ ପ୍ରଧାନ, ପ୍ରଫୁଲ୍ଲ ଗୌଡ଼, ପର୍ଶୁରାମ ପ୍ରଧାନ, ସହଦେବ ପ୍ରଧାନ ପ୍ରମୁଖ ପରିଚାଳନା କରୁଛନ୍ତି।

### ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ପାଠଚକ୍ର




ବୁଗୁଡ଼ା,୯।୨(ଡି.ଏନ.ଏ.)- ବୁଗୁଡ଼ା ପିପୁଲ୍ସ କଲେଜରେ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ପୂର୍ବଛାତ୍ର ପୁନଃ ମିଳନ ଉତ୍ସବ ଓ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ତଥା ବିଭାଗୀୟ ମୁଖ୍ୟ ରଜନୀକାନ୍ତ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗବେଷକ ସୀମାଞ୍ଚଳ ଦୋରା ଓ ଅଧାପିକା ପ୍ରତୀକ୍ଷା ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରସଙ୍ଗ ଫୁଡ ହ୍ୟାବିଟସ୍ ଆଣ୍ଡ ରେସ୍‌ପନ୍ସ ଅଫ୍ ହାଉସ୍ ସ୍ପାରୋ ଟୋୱାର୍ଡସ ଆର୍ଟିଫିସିଆଲ ଫିଡର ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଗୁପ୍ତେଶ୍ୱର ବିଦ୍ୟାପୀଠର ଶିକ୍ଷକ ତଥା ଗବେଷକ ଉମାକାନ୍ତ ବେହେରା ସମ୍ବଳ ବ୍ୟକ୍ତିତ୍ୱ ଭାବେ ଯୋଗ ଦେଇ ଆଲୋଚ୍ୟ ପ୍ରସଙ୍ଗ ଉପରେ ଏକ ସନ୍ଦର୍ଭ ପାଠ କରିଥିଲେ। ଏଥିସହ ବିଲୋପମୁଖୀ ପ୍ରଜାତି ଘରଚଟିଆ ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡେମୋନଷ୍ଟ୍ରେଟର ରାମକୃଷ୍ଣ ନାୟକ ଅତିଥି ପରିଚୟ ପ୍ରଦାନ ଏବଂ ଛାତ୍ର ବିରେନ କୁମାର ଗୌଡ଼ ବାର୍ଷିକ ବିବରଣୀ ପଠନ କରିଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଶବର ସମାଜ କଲ୍ୟାଣ ସମିତି କେନ୍ଦ୍ର ଗୃହ ଉଦ୍‌ଘାଟିତ




ମଞ୍ଚାସିନ ବିଧାୟକ ଓ ଅନ୍ୟ ଅତିଥିବୃନ୍ଦ।

**ଆର.ଉଦୟଗିରି, ୯।୨(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକ ତବାରସିଂ ପଞ୍ଚାୟତସ୍ଥିତ ଅନରସିଂ ଗ୍ରାମରେ ଶବର ସମାଜ କଲ୍ୟାଣ ସମିତି ପକ୍ଷରୁ ଏକ କେନ୍ଦ୍ର ଗୃହ ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଦାଶରଥି ଗମାଙ୍ଗ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ତୁରୁବା ମଣ୍ଡଳ ଶବର ସମାଜ ପୁରୋହିତ ସୁଦର୍ଶନ ଶବରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତବାରସିଂ ପବାରସିଂ ସରପଞ୍ଚ ଖମ୍ବେଶ୍ୱର ମଣ୍ଡଳ (ସଭାପତି), ଉପସଭାପତି ପୀତାମ୍ବର ରଇତ, ସହସମ୍ପାଦକ ଗଣେଶ ବଡରଇତ, ସମ୍ପାଦକ ଦେବକାନ୍ତ ପୂଜାରୀ, ଧର୍ମ ଉପଦେଷ୍ଟା ଗୋବିନ୍ଦ ପୂଜାରୀ, ସହଧର୍ମ ଉପଦେଷ୍ଟା ପବିତ୍ର ରଇତଙ୍କ ସମେତ ଜିଲାପରିଷଦ ଯାକବ ମାଝୀ, ସମିତିସଭ୍ୟ ଗୋପାଳକୃଷ୍ଣ ଦଳାଇ, ପ୍ରମୁଖ ଯୋଗ ଦେଇଥିଲେ। ୧୨ଖଣ୍ଡ ଗ୍ରାମକୁ ନେଇ ଏହି କେନ୍ଦ୍ର ଗଠିତ ହୋଇଥିବା ବେଳେ ପ୍ରତ୍ୟେକ ଗାଁର ମହିଳାମାନେ ମିଶି କଳସ ଯାତ୍ରା କରିଥିଲେ। ପରେ ଘୃତଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ କରାଯାଇଥିଲା। ସଭାପତି ମହେଶ୍ୱର ମଣ୍ଡଳ ପଣଷଢିହଠାରୁ ଅନରସିଂ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଜଣାଇଥିଲେ।

# ମହିଳା ଡିଗ୍ରୀ କଲେଜର ବାର୍ଷିକୋତ୍ସବ




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଛତ୍ରପୁର,୯।୨(ଡି.ଏନ.ଏ.)**

ଛତ୍ରପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇ ଛାତ୍ରୀମାନଙ୍କୁ ଶିକ୍ଷାର ମୂଲ୍ୟବୋଧ ଉପରେ କହିଥିଲେ। ବିଶ୍ୱବିଦ୍ୟାଳୟସ୍ତରରେ ୨୦୧୮ରେ ଟପର ସୋନମ ସୁଲଗ୍ନା ଦାଶ, ଲିପ୍ସା ସାହୁ, ତପସ୍ୱିନୀ ବିଶ୍ୱାଳ, ବିନୋଦିନୀ ବେହେରା, କଳ୍ପନା କୁମାରୀ ରଥ, ମାନସୀ ପ୍ରଧାନ, କାଜଲ କୁମାରୀ ନାୟକ, ରୁବି ସେଠୀ, ପ୍ରୀତି କୁମାରୀ ସାହୁ, ଆନିସା ପାଢ଼ୀ, ଡି.କଲ୍ୟାନି ଓ ୨୦୧୯ ବର୍ଷରେ ଟପର ହୋଇଥିବା ସି ଏଚ୍.ସ୍ମୃତିଲୟା, ବର୍ଷାରାଣୀ ବିଷୋୟୀ,ଏସ୍.ଚନ୍ଦ୍ରିକା ରେଡ୍ଡୀ ଓ ପି.ସୁଜ୍ଞାନି ପାତ୍ରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀ ଅଳି ଗୌଡ ଚାମ୍ପିୟନ ହୋଇଥିବା ବେଳେ ଅନ୍ୟ କୃତି ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। କଲେଜ ଅଧକ୍ଷା ଡକ୍ଟର ସୁମିତା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାକୁ ଅଧ୍ୟାପିକା କବିତା ସାହୁ ପରିଚାଳନା କରିଥିବା ବେଳେ ଛାତ୍ରୀ ସଙ୍ଗୀତା ବେହେରା ସ୍ୱାଗତ ଭାଷଣ ଏବଂ ଲିଜାରାଣୀ ଗୌଡ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ଡକ୍ଟର ଯାଜ୍ଞସେନୀ ପାଣିଗ୍ରାହୀ, ଲିଲି ବେହେରା, ସନ୍ତୋଷ କୁମାର ବିଷୋଇ, ଗୀତାଳି ସାମନ୍ତରାୟ, ଜନାର୍ଦ୍ଦନ ରେଡ୍ଡୀ ଓ ନାଗାମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ ଉତ୍ସବ

**ଧରାକୋଟ,୯।୨(ଡି.ଏନ.ଏ.)**

ଧରାକୋଟ ସତ୍‌ସଙ୍ଗ ବିହାର ପକ୍ଷରୁ ଜାନିବିଲି ସତସଙ୍ଗଠାରେ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୨ତମ ଜନ୍ମୋତ୍ସବ ତଥା ଆଚାର୍ଯ୍ୟଦେବ ଶ୍ରୀ ଦାଦାଙ୍କ ଶୁଭ ପଦାର୍ପଣର ୩ୟ ବାର୍ଷିକ ସ୍ମୃତି ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଭାତରୁ ଉଷା କିର୍ତ୍ତନ ସହ ଏକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ଠାକୁରଙ୍କ ପାଞ୍ଜାଧାରୀ କର୍ମୀ ମଣ୍ଡଳୀ, ଆଧ୍ୟାତ୍ମିକ ଭକ୍ତ ମଣ୍ଡଳୀ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସତ୍‌ସଙ୍ଗର ପ୍ରତିରତିକ୍ ଡ. ବିନାୟକ ମହାପାତ୍ର ଯୋଗଦାନ କରି ଠାକୁରଙ୍କ ଜୀବନଧାରା ଉପରେ ଆଲୋଚନା କରିଥିଲେ। ବିଭିନ୍ନ ବ୍ଲକରୁ କର୍ମୀ ମଣ୍ଡଳୀ ତଥା ରବୀ ଶଙ୍କର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ସାହୁ, ବାସୁଦେବ ବିଶୋୟୀ, ବାଇନାଥ ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରାରମ୍ଭିକ ସ୍ୱାଗତ କରିଥିଲେ ସ୍ଥାନୀୟ ସହ ପ୍ରତିରତିକ୍ ଲିଙ୍ଗରାଜ ସ୍ୱାଇଁ, ଆକାଶବାଣୀର କଣ୍ଠଶିଳ୍ପୀ କେଶବ ସାହୁ ଭଜନ ଓ କିର୍ତ୍ତନ ପରିବେଷଣ କରିଥିଲେ।

# ମୋ ମା' ଶ୍ରେଷ୍ଠ ମା ରୂପେ ସମ୍ମାନିତ

**ଖଲ୍ଲିକୋଟ,୯।୨(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ୍ ପଣ୍ଡିତ ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପ୍ରତିଭା ଅନ୍ୱେଷଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟ ଅତିଥି, କେଶପୁର କଲେଜ ଓଡ଼ିଆ ଅଧ୍ୟାପକ ବିଷ୍ଣୁ ଦାସ ମୁଖ୍ୟବକ୍ତା, ଶିକ୍ଷାବିତ୍ ପଦ୍ମଚରଣ ସାହୁ ସମ୍ମାନିତ ଅତିଥି, ଶ୍ରୀକୃଷ୍ଣଚରଣପୁର ସରପଞ୍ଚ ରବୀ ସେଠୀ, ସାମାଜିକ କର୍ମୀ ଅଶୋକ ତ୍ରିପାଠୀ, ଶିକ୍ଷକ ଦ୍ୱାରିକା ମହାରଣା, ଭାସ୍କର ମହାରଣା, ସିଆରସିସି ତ୍ରିନାଥ ବେହେରା ଅନ୍ୟତମ ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ପଦ୍ମଚରଣ ସାହୁ ଜଣେ ଉତ୍ତମ ଛାତ୍ରୀଛାତ୍ର ହେବା ପଛରେ ମା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ତେଣୁ ଉତ୍ସବରେ ଷଷ୍ଠ ଶ୍ରେଣୀ ଛାତ୍ରୀ ମାମା ବିଶ୍ୱାଳ ଯିଏକି ତୃତୀୟ ଓ ପଞ୍ଚମ ଶ୍ରେଣୀରେ ବୃତ୍ତି ଲାଭ କରିଥିଲେ ଏବଂ ଶ୍ରେଣୀରେ ପ୍ରଥମ ସ୍ଥାନରେ ଅଛନ୍ତି ତାଙ୍କ ମା' ରିନା ବିଶ୍ୱାଳଙ୍କୁ ମୋ ମା' ଶ୍ରେଷ୍ଠା ମା' ଭାବେ ବୃତ୍ତି ରାଶି ୨୪୦୦ ଟଙ୍କା ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ନାଏକ, ପରିଚାଳନା କମିଟିର କହ୍ନେଇ ତରେଇ ପ୍ରମୁଖ ପରିଚାଳନା କରିଥିଲେ।




କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ମେଧା ଅନ୍ୱେଷଣ କୁଇଜ୍ ପ୍ରତିଯୋଗିତା



ସଭାରେ କ୍ଲବ ସଭାପତିଙ୍କ ଉଦ୍‌ବୋଧନ।

**ଦିଗପହଣ୍ଡି,୯।୨(ଡି.ଏନ.ଏ.)**

ଦିଗପହଣ୍ଡି ସ୍ଥିତ ବଡଖେମୁଣ୍ଡି ଉଚ୍ଚ ବିଦ୍ୟାଳୟରେ ସନ ରାଇଡର କ୍ଲବ ପକ୍ଷରୁ ମେଧା ଅନ୍ୱେଷଣ କୁଇଜ୍ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇସ୍କୁଲର ଷଷ୍ଠଠାରୁ ଦଶମ ଶ୍ରେଣୀ ଯାଏ ସମସ୍ତ ଛାତ୍ର ଅଂଶ ଗ୍ରହଣ କରିଥିଲେ। ବଡଖେମୁଣ୍ଡି ରାଜକୁମାର ସପନ କୁମାର ଦେବ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ପାର୍ଥ ସାରଥି ନାୟକ ଯୋଗଦେଇଥିଲେ। ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ଯୁକ୍ତ ୨ ଅଧକ୍ଷା ସସ୍ମିତା ପାଠୀ, ଯୁକ୍ତ ୩ ଅଧକ୍ଷା ସ୍ୱାଗତିକା ପାତ୍ର, ଆଞ୍ଚଳିକ ଗୋଷ୍ଠୀ ସାଧନ କର୍ମୀ ଉପେନ୍ଦ୍ର କୁମାର ପଣ୍ଡା, କ୍ରୀଡା ଶିକ୍ଷକ ଏମ୍.ଗୌରାଙ୍ଗ ପ୍ରମୁଖ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। କୃତୀ ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ କାଳୀଚରଣ ପାଣିଗ୍ରାହୀ ଓ ଦିବାକର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍.ଶ୍ରୀନିବାସ ଆଚାରୀ, ବିପିନଚନ୍ଦ୍ର ଷଡଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଦିଗପହଣ୍ଡି,୯।୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ରାମଜୀ ମହାବିଦ୍ୟାଳୟ ପରିସରରେ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ଲକ୍ଷ୍ମୀକାନ୍ତ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅଧାପକ ଡ.ଅସୀତ କୁମାର ଷଡ଼ଙ୍ଗୀଙ୍କ ସଂଯୋଜନାରେ ଅଧାପକ ମୃତ୍ୟୁଞ୍ଜୟ ପାଢ଼ୀ, ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଶିକ୍ଷଣ ଶିବିରର ଆବଶ୍ୟକତା ଉପରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଏହାପରେ ମାଷ୍ଟର ଟ୍ରେନର ଦୀପ୍ତିରାଣୀ ଦାଶ ଏବଂ ମନୀଷା ବକ୍ସି ଆତ୍ମ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ କଳା କୌଶଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ୧୨୦ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

# କୃଷି ଯନ୍ତ୍ରପାତି ବ୍ୟବହାର ସମ୍ପର୍କିତ ମେଳା

**ଜି.ଉଦୟଗିରି,୯।୨(ଡି.ଏନ.ଏ.)**

ଜି.ଉଦୟଗିରି ବ୍ଲକ ସୁଜେଲି ଗ୍ରାମଠାରେ ଶନିବାର ବଳଦଟଣା ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟବହାର ଉପରେ ଏକ କୃଷକ ମେଳାର ଆୟୋଜନ କରାଯାଇଥିଲା। ଏଥିରେ ଶତାଧିକ ଅଗ୍ରଣୀ ଚାଷୀ ଯୋଗ ଦେଇଥିଲେ। ରାଜ୍ୟର ଆଦିବାସୀ ଅଧ୍ୟୁଷିତ ପାହାଡ଼ିଆ ଜିଲାଗୁଡ଼ିକରେ ଚାଷୀମାନେ ସାଧାରଣତଃ ବଳଦ ବ୍ୟବହାର କରି ସେମାନଙ୍କର ଚାଷକାମ କରିଥାନ୍ତି। ତେଣୁ ଉକ୍ତ ପ୍ରକଳ୍ପ ତରଫରୁ ଏହି ଚାଷୀମାନଙ୍କ ପାଇଁ ଉପଯୋଗୀ କୃଷି ଯନ୍ତ୍ରପାତି ବିକଶିତ କରାଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ ପ୍ରାଣୀ ଶକ୍ତିର ସଦୁପଯୋଗ ସମ୍ବନ୍ଧୀୟ ସର୍ବ ଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଓ କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳର ମିଳିତ ଉଦ୍ୟମରେ ଆୟୋଜିତ ମେଳାରେ ପ୍ରକଳ୍ପର ଗବେଷଣା ଯନ୍ତ୍ରୀ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ଯୋଗ ଦେଇ ଚାଷୀମାନଙ୍କୁ ଓୟୁଏଟି ଉନ୍ନତ ଜୁଆଳି, ମୋଡ଼ପତ୍ର ଲଙ୍ଗଳ, ଚକ୍ରବିଦା, ଘାସବଛା ଯନ୍ତ୍ର ଆଦିର ବ୍ୟବହାର, ମୂଲ୍ୟ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ। ଜିଲାର ଚାଷୀକୁଳ ଏହି ଯନ୍ତ୍ରପାତିକୁ ବଳଦ ସାହାଯ୍ୟରେ ଚାଷ କାମରେ ଲଗାଇପାରିବେ ବୋଲି କହିଥିଲେ। ଏହି ଉପଲକ୍ଷେ ପ୍ରକଳ୍ପ ତରଫରୁ ଅନେକ ଉନ୍ନତ ବଳଦଟଣା କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯାଇଥିଲା। ଏହି ଯନ୍ତ୍ରଗୁଡ଼ିକର ବ୍ୟବହାର ଦ୍ୱାରା ଅଳ୍ପ ଖର୍ଚ୍ଚରେ, ଅଳ୍ପ ସମୟରେ, ଅଳ୍ପଲୋକ ଓ କମ୍ ପରିଶ୍ରମରେ ଚାଷକାମ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା।



ଚାଷୀଙ୍କୁ କୃଷି ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ଅବଗତ କରାଯାଉଛି।

# ବଲାଙ୍ଗୀରର ଲୋକନୃତ୍ୟରେ ଝୁମିଲେ ଦର୍ଶକ

**ରାଇକିଆ ୯।୨(ଡି.ଏନ୍.ଏ.)**

**ରାଇକିଆ ମହୋତ୍ସବ-୨୦୨୦ ଉଦ୍‌ଘାଟିତ**

କନ୍ଧମାଳ ଜିଲା ରାଇକିଆଠାରେ ଶନିବାର ରାଇକିଆ ମହୋତ୍ସବ-୨୦୨୦ ଉଦ୍‌ଘାଟିତ ହୋଇଯାଇଛି। ଗୁନ୍ଧାଣୀ ଛକ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଉପଦେଷ୍ଟା ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିଭାଗ ମୁନ୍ନା ଖାଁ, ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ଜିଲା ପରିଷଦ ସଭାନେତ୍ରୀ ଆକାଂକ୍ଷା ପ୍ରଧାନ, ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ରୋଦନ ମଲିକ, ବିଡିଓ ପ୍ରବୀଣ କୁମାର ବାଣୁଆ, ଅତିରିକ୍ତ ତହସିଲଦାର ଶୁଭ ଦତ୍ତାତ୍ରେୟ ବାହିନୀ ପତି, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ରାଇକିଆ ମହୋତ୍ସବ ସ୍ମରଣିକାକୁ ଉନ୍ମୋଚିତ କରାଯାଇଥିଲା। ଶନିବାର ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ବଲାଙ୍ଗୀରରୁ ଆସିଥିବା ଲୋକ ନୃତ୍ୟ। ଏଥିସହ ସ୍ଥାନୀୟ କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଥିଲେ ଦର୍ଶକ। ଦିନତମାମ ପଲିଶ୍ରୀ ମେଳାର ମଧ୍ୟ ମଜା ଉଠାଇ ଥିଲେ ସ୍ଥାନୀୟ ଲୋକେ।




ସ୍ମରଣିକା ଉନ୍ମୋଚନ କରାଯାଉଛି।

# ଜଗନ୍ନାଥ ମନ୍ଦିରରେ ଚବିଶ ପ୍ରହର ନାମଯଜ୍ଞ

**ଗଞ୍ଜାମ,୯।୨(ଡି.ଏନ.ଏ.)**

ବଡ ବଜାରଠାରେ ଥିବା ଜଗନ୍ନାଥ ମନ୍ଦିରରେ ଚବିଶ ପ୍ରହର ନାମଯଜ୍ଞ ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ଏହି ଅବସରରେ ନାମଯଜ୍ଞ, ଘୃତଯଜ୍ଞ ହେଉଛି। ଏହାକୁ ବଡ଼ବଜାର ବଣିକ ସଂଘ ଆୟୋଜନ କରୁଛି। ଗୁରୁବାର ଅଧିବାସ ପରେ ଗଞ୍ଜାମ ସ୍ଥିତ ଋଷିକୁଲ୍ୟା ନଦୀରୁ ଜଳ ଅଣାଯାଇ ଯଜ୍ଞ ଆରମ୍ଭ ହୋଇଥିଲା। ଏହାକୁ ବଣିକ ସଂଘ ସଭାପତି ଗୌରୀଶଙ୍କର ବାରିକି, ଉପସଭାପତି ଗଣେଶ ପଟ୍ଟନାୟକ, କୋଷାଧ୍ୟକ୍ଷ ଜି.ରାମ ଦାସ ରେଡ୍ଡୀ, ଜଗନ୍ନାଥ ମନ୍ଦିର ଟ୍ରଷ୍ଟିର କାଙ୍ଗା ପଲେଇ, ଜଗୁ ରେଡ୍ଡୀ, ଲୋକନାଥ ପଣ୍ଡା, ଅନି ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି। ଆସନ୍ତା ସୋମବାର ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକ କହିଛନ୍ତି।



ନାମଯଜ୍ଞ ଚାଲିଛି।

ଧରିତ୍ରୀ
DHARITRI
ସୋମବାର, ୧୦ ଫେବୃୟାରୀ, ୨୦୨୦



# ମୃତକଙ୍କ ପରିବାରକୁ ଦିଆଯାଉ ୧୦ ଲକ୍ଷ କ୍ଷତିପୂରଣ

ବ୍ରହ୍ମପୁର ଅଫିସ, ୯।୨

ରଙ୍ଗେଇଲୁଣ୍ଡା ବ୍ଲକର ମେଣ୍ଟରାଜପୁର ନିକଟରେ ରାସ୍ତାରେ ଓହଳିଥିବା ୧୧ କେଭି ବିଦ୍ୟୁତ୍ ତାରରେ ବସ୍ ଲାଗି ଜୀବନ୍ତ ଦଗ୍ଧ ହୋଇଥିବା ୯ ଜଣଙ୍କ ପରିବାରକୁ ସରକାର ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ଓ ଜଣଙ୍କୁ ଚାକିରି ଦେବା ପାଇଁ ଜିଲା କଂଗ୍ରେସ ଓ ଭାଜପା ପକ୍ଷରୁ ଦାବି ହୋଇଛି। ଏଥିସହ ସଙ୍କଟାପନ୍ନ ଅବସ୍ଥାରେ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଆଉ ୮ ଜଣଙ୍କ ସମସ୍ତ ଚିକିତ୍ସା ସରକାର ବହନ କରନ୍ତୁ ବୋଲି ଉଭୟ ଦଳ ଦାବି କରିଛନ୍ତି। ସେହିପରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିବା ଆଉ ୯ ଜଣଙ୍କୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇବା ଦେବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ଅନ୍ୟପକ୍ଷରେ ବିଦ୍ୟୁତ ତାର ସଂସ୍ପର୍ଶରେ ବସ୍ ଆସିଯିବା ଘଟଣାର ନିରପେକ୍ଷ ତଦନ୍ତ ସହ ଏଥିପାଇଁ ଦାୟୀ ଇଞ୍ଜିନିୟର ଓ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ପାଇଁ ମଧ୍ୟ ଦୁଇ ଦଳର ନେତାମାନେ ଦାବି କରିଛନ୍ତି ।

## ଜିଲା କଂଗ୍ରେସ ଓ ଭାଜପାର ଦାବି

- ଆର୍‌ଡିସିଙ୍କ ଅଫିସ ଆଗରେ ଭାଜପାର ଧାରଣା
- ଆନ୍ଦୋଳନକୁ ଓହ୍ଲାଇବ କଂଗ୍ରେସ

ଅର୍ଦ୍ଧ ଶତାବ୍ଦୀର ବ୍ରହ୍ମପୁର ମେଡିକାଲରେ ଟ୍ରମା ୟୁନିଟରେ ବିଶେଷଜ୍ଞ ଚିକିତ୍ସକ ଓ କର୍ମଚାରୀ ଅଭାବରୁ ଅଚଳାବସ୍ଥାରେ ରହିଛି। ସେଣ୍ଟ୍ରାଲ ଆଇସିୟୁ ବ୍ୟତୀତ ସବୁ ବିଭାଗରେ ଭେଣ୍ଟିଲେଟର ନ ଥିବା ବେଳେ ପୁରାତନ ବଡ଼ ଡାକ୍ତରଖାନାରେ ବର୍ନ ୱାର୍ଡ ନାହିଁ। ବଡ଼ ଡାକ୍ତରଖାନା ସ୍ୱାସ୍ଥ୍ୟ ସମିତିର ମୁଖ୍ୟ ହେଉଛନ୍ତି ଆର୍‌ଡିସି । ତେଣୁ ଡାକ୍ତରଖାନା ଅବ୍ୟବସ୍ଥା ପ୍ରତିବାଦରେ ଜିଲା ଭାଜପା ପକ୍ଷରୁ ରବିବାର ଅପରାହ୍ଣରେ ଆର୍‌ଡିସିଙ୍କ ଆବାସିକ ଅଫିସ ଆଗରେ ଗଣଧାରଣା ଦିଆଯାଇଥିଲା। ଧାରଣାରେ ସଭାପତି ବିଭୁତି ଜେନା, ବରିଷ୍ଠ ନେତା କାହ୍ନୁ ଚରଣ ପତି, ସ୍ୱାସ୍ଥ୍ୟସେଲ ମୁଖ୍ୟ ରାମ କୁମାର ପାତ୍ର ଓ ଅନ୍ୟମାନେ ସାମିଲ ହୋଇଥିଲେ। ଉପରୋକ୍ତ ସମସ୍ୟା ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ଆର୍‌ଡିସି ପ୍ରତିଶ୍ରୁତି ଦେବାରୁ ଧାରଣା ବନ୍ଦ କରାଯାଇଥିଲା ।

ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା କହିଛନ୍ତି, ବିଦ୍ୟୁତ ପରିବର୍ଣ୍ଣନ ସଂସ୍ଥା ସାଉଥକୋର ଖାମଖିଆଲି କାର୍ଯ୍ୟ ଯୋଗୁ ଏଭଳି ଦୁଃଖଦ ଘଟଣା ଘଟିଛି। ୧୧ କେଭି ବିଦ୍ୟୁତ୍ ତାର ସଡ଼କ ଉପରେ ଓହଳିଥିବା କର୍ମଚାରୀ କିଭଳି ଜାଣିପାରିଲେନି ତାହା ରହସ୍ୟ ଘେରକୁ ଆସିଛି। ସମ୍ପୃକ୍ତ ଇଞ୍ଜିନିୟର ଓ କ୍ଷେତ୍ର କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଦାବି ମୁତାବକ କ୍ଷତିପୂରଣ ଦିଆ ନ ଗଲେ କଂଗ୍ରେସ ପକ୍ଷରୁ ବ୍ରହ୍ମପୁର ସାଉଥକୋ କର୍ପୋରେଟ ଅଫିସ ଆଗରେ ଲଗାତର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ମହାନଗରର ସମସ୍ତ ପୁରୁଣା ବିଦ୍ୟୁତ ତାର ତୁରନ୍ତ ବଦଳାଇବା ପାଇଁ କଂଗ୍ରେସ ଦାବି କରିଛି।

## ମୃତକ ୧୦ଜଣ ହେଲେ

୧. ବି.ଏରେମା ରେଡ୍ଡୀ (୨୫)
(ମୃତକ ସମସ୍ତେ ଗୋଳନ୍ଥରା ଥାନା ଅନ୍ତର୍ଗତ ଡ଼ଙ୍କଲପାଡୁ ଗ୍ରାମର)
୨. ବି.ଆଳିଆମ୍ମା (୬୫)
୩. କେ. ସନ୍ଧ୍ୟା (୩୫)
୪. ସିଏଚ୍ କାମରାଜୁ ରେଡ୍ଡୀ (୬୫)
୫. ବି.ମୋହିନୀ (୪୦)
୬. ବି.ରାମେୟା (୫୫)
୭. ସିଏଚ୍.ତୁଲସମ୍ମା (୩୭)
୮. ସନ୍ତୋଷିନୀ ସାହୁ (୧୫)
୯.ତାରେଣିୟା ରେଡ୍ଡୀ (୫୭)
୧୦.ବି. ରାଜୁ (୧୧)

## କଟକ ସ୍ଥାନାନ୍ତର ହୋଇଥିବା ଗୁରୁତର

(ଗୁରୁତର ସମସ୍ତେ ଗୋଳନ୍ଥରା ଥାନା ଡ଼ଙ୍କଲପାଡୁର)
୧. ବି.ସାରଦା ରେଡ୍ଡୀ (୪୦)
୨. ସିଏଚ୍.ବଳରାମ ରେଡ୍ଡୀ
୩. ପ୍ରସାଦ ରେଡ୍ଡୀ (୧୪)
୪.ଜାନକୀ ଆମ୍ମା (୪୦)
୫.ଭାରତୀ ରେଡ୍ଡୀ (୧୫)
୬.ବି.ମହାଲକ୍ଷ୍ମୀ ରେଡ୍ଡୀ (୩୨)
୭. ଏମ.ବୃନ୍ଦାବତୀ (୨୫)



ଡଙ୍କଲପାଡୁ ଗ୍ରାମ ଶ୍ମଶାନରେ ମୃତକଙ୍କୁ ସଂସ୍କାର କରାଯାଉଛି।

## ଗୋଟିଏ ସ୍ଥାନରେ ଜଳିଲା ୮ ଜୁଇ

ବସ୍‌ରେ ବିଦ୍ୟୁତ୍ ତାର ଲାଗିଯିବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ବ୍ରହ୍ମପୁର ବଡ଼ ମେଡିକାଲରେ ମେଡିକାଲରେ ୯ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ୮ଜଣଙ୍କ ମୃତଦେହ ଡଙ୍କଲପାଡୁ ଗ୍ରାମକୁ ଆସିଥିଲା। ଗ୍ରାମରେ ସୃଷ୍ଟି ହୋଇଥିଲା ଶୋକାକୂଳ ପରିବେଶ। କାହାରି ପାଟିରୁ କିଛି କଥା ବାହାରୁ ନ ଥିଲା। ଗାଁ ଶ୍ମଶାନରେ ଏକା ସାଙ୍ଗରେ ସମସ୍ତ ମୃତଦେହ ସତ୍କାର କରାଯାଇଥିଲା ।

**ବ୍ରହ୍ମପୁର ଅଫିସ/ଗୋପାଳପୁର, ୯।୨: ମେଣ୍ଟରାଜପୁରଠାରେ ରବିବାର ମଧ୍ୟାହ୍ନରେ ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଏକ ବସ୍ ଆସିଯିବାରୁ ନିର୍ବନ୍ଧରେ ଯୋଗଦେବାକୁ ଯାଉଥିବା ଲୋକଙ୍କ ମଧ୍ୟରୁ ୧୦ ଜଣଙ୍କ ଜୀବନ ଦୀପ ଲିଭିଯାଇଛି। ରାସ୍ତାଟି ଏବେ ବ୍ଲାକ ସ୍ପଟ ପାଲଟିଛି। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିବ ବୋଲି ଅଞ୍ଚଳରେ କେହି ବି ଆଶା କରି ନ ଥିଲେ। ଅନ୍ୟପକ୍ଷରେ ବିଦ୍ୟୁତ୍ ତାର ଉକ୍ତ ରାସ୍ତାରେ ଅତି ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଥିଲା। ସାଉଥକୋ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏଥିପାଇଁ କାହାକୁ ଦାୟୀ କରାଯିବ। ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ନା ବିଦ୍ୟୁତ୍ ବିଭାଗ। ଯାହା ହେଉନା କାହିଁକି ନିଜ ଲୋକଙ୍କୁ ହରାଇ ଏବେ ସେମାନଙ୍କ ପରିବାର ସର୍ବହରା ହୋଇ ପଡିଛନ୍ତି।**

### ଅସହାୟ ୨ ଭଉଣୀ



ଚିକରଡାକୁ ନିର୍ବନ୍ଧ ଭୋଜିରେ ସାମିଲ ହେବା ପାଇଁ ସିଲ୍କ ସିଟି ବସ୍‌ରେ ଯାଉଥିବା ବି. ଏରମା ରେଡ୍ଡୀଙ୍କ ମୃତ୍ୟୁ ଘଟିଛି । ପୂର୍ବରୁ ତାଙ୍କ ସ୍ୱାମୀ ବି. ଚେନ୍ନାୟା ରେଡ୍ଡୀଙ୍କର ମୃତ୍ୟୁ ଘଟିଥିଲା। ପ୍ରଥମେ ବାପା, ଏବେ ମା'ଙ୍କୁ ହରାଇ ୨ ଭଉଣୀ ବି. ଜ୍ୟୋସ୍ନା (୧୬) ଓ ବି. ଦ୍ରୌପଦୀ ଅସହାୟ ହୋଇଯାଇଛନ୍ତି । ସମସ୍ତ ମୃତକ ଗରିବ ଶ୍ରେଣୀର ହୋଇଥିବା ବେଳେ ସେମାନଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ଦିଆଯାଇଥିଲେ ଉପକୃତ ହୋଇପାରିଥାନ୍ତେ ବୋଲି ଏକ୍‌ସିଂ ସରପଞ୍ଚ ସିଏଚ ସୁଧାକର ରେଡ୍ଡୀ କହିଛନ୍ତି ।

**–ଏକ୍‌ସିଂ ସରପଞ୍ଚ ସିଏଚ ସୁଧାକର ରେଡ୍ଡୀ**

### ବେପରୁଆ ଥିଲେ ଡ୍ରାଇଭର



ବସ୍ ଡ୍ରାଇଭର ମେଣ୍ଟରାଜପୁର ରାସ୍ତା ଉପରେ ଦେଇ ଯାଇଥିବା ବିଦ୍ୟୁତ୍ ତାର ଓହଳିଥିବା ଜାଣିଥିଲେ ମଧ୍ୟ ଯାତ୍ରୀଙ୍କ ଧନଜୀବନ ସୁରକ୍ଷା ଉପରେ ଦୃଷ୍ଟି ଦେଇ ନ ଥିଲେ। ଫଳରେ ଏଭଳି ଏକ ଦୁର୍ଘଟଣା ଘଟି ୧୦ ଜଣଙ୍କ ଜୀବନ ଅକାଳରେ ଚାଲିଗଲା । ଏହାସହିତ ୧୫ରୁ ଊର୍ଦ୍ଧ୍ୱ ଲୋକ ଗୁରୁତର ହୋଇଥିଲେ ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ ଏସ୍.ହରିକୃଷ୍ଣ କହିଛନ୍ତି । ଯାହାକି ତାଙ୍କ ଜୀବନର ଏକ ଅଭୂଲା ସ୍ମୃତି ବୋଲି ମଧ୍ୟ ଶୋକାକୁଳ ପରିବେଶରେ କହିଛନ୍ତି ।

**–ଏସ.ହରିକୃଷ୍ଣ**

### ଜୀବନକୁ ବାଜି ଲଗାଇ ରକ୍ଷା କରିଥିଲେ ଜିତେନ୍ଦ୍ର



ବିଦ୍ୟୁତ୍ ତାର ବସ୍‌ରେ ଲାଗିଯାଇଥିବା ଓ ତାହା ଭିତରେ ଲୋକେ ଚିତ୍କାର କରୁଥିବା ଜାଣିବା ପରେ ମେଣ୍ଟରାଜପୁରର କେ.ଜିତେନ୍ଦ୍ର ରେଡ୍ଡୀ ଆଉ ରହିପାରି ନ ଥିଲେ। ତୁରନ୍ତ ସେ ବସ୍ ନିକଟକୁ ଆସିଥିଲେ। ନିଜ ଜୀବନକୁ ବାଜି ଲାଗାଇ ଏକ ବଡ଼ ବାଡି ଦ୍ୱାରା ବସ୍ ଭିତରୁ ଛୋଟପିଲା ଓ ବୟସ୍କମାନଙ୍କୁ ବାହାରକୁ ବାହାର କରୁଥିବା ଦେଖାଯାଇଥିଲା। ସେ ସମୟରେ ଆମ୍ବୁଲାନ୍ସ ଆସି ନ ଥିବାରୁ ଆହତମାନଙ୍କୁ ସେ ଅଟୋରେ ନିକଟସ୍ଥ ଡାକ୍ତରଖାନାକୁ ପଠାଇଥିଲେ। ଜୀବନରେ ଏହି ଦୃଶ୍ୟଟି ସବୁଠାରୁ ଭୟଙ୍କର ଥିଲା ବୋଲି ଜିତେନ୍ଦ୍ର କହିଛନ୍ତି ।

**–କେ.ଜିତେନ୍ଦ୍ର ରେଡ୍ଡୀ**

### ଆଖି ବୁଜିଲେ ବିବାହିତା ଦୁଇ ଭଉଣୀ

ଭାଇର ନିର୍ବନ୍ଧକୁ ଯିବାକୁ ରାତିରେ ନିଦ ନ ଥିଲା। ତେଣୁ ଶାଶୁଘର ବଡ଼ଚନ୍ଦନବାଡ଼ରୁ କେ.ସନ୍ଧ୍ୟା (୩୫) ଓ ଗ୍ରାମରେ ବିବାହ ହୋଇଥିବା ବି.ମୋହିନୀ (୪୦) ଆସିଥିଲେ ବାପଘରକୁ। ଚିକରଡ଼ା ଯିବା ପାଇଁ ଉଭୟେ ସିଲ୍କି ସିଟି ବସ୍‌ରେ ବସିଥିଲେ। ହେଲେ ୨ ଭଉଣୀଙ୍କ ଏହି ଖୁସି ନିମିଷକେ ଉଭେଇ ଗଲା। ମେଣ୍ଟରାଜପୁରରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ବସ୍ ଆସିଯିବାରୁ ଦୁଇ ଭଉଣୀଙ୍କ ମୃତ୍ୟୁ ଘଟିଥିଲା।

### ଜୀବନ ରକ୍ଷା ପାଇଁ ବସ୍‌ରେ ଘଣ୍ଟାଏ ସଂଘର୍ଷ

୧୧ କେଭି ତାର ସଂସ୍ପର୍ଶରେ ବସ୍ ଆସିଯିବାରୁ ଭିତରେ ବସିଥିବା ଲୋକେ ବିଦ୍ୟୁତ୍ ଆଘାତ ପାଇ ଛଟପଟ ହେଉଥିଲେ। ଏଭଳି ହୃଦୟ ବିଦାରକ ଘଟଣା ପ୍ରାୟ ୧ ଘଣ୍ଟା ଧରି ଚାଲିଥିଲା। ବସ୍ ଭିତରେ ଥିବା ଶିଶୁ, ମହିଳା ଓ ବୟସ୍କମାନେ ନିଜ ଜୀବନ ବଞ୍ଚାଇବା ପାଇଁ ଚେଷ୍ଟା ଚଳାଇଥିଲେ । ଝରକା, କବାଟ ଭାଙ୍ଗି ସୋମାନେ ବାହାକୁ ବାହାରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

### ଭୁଲି ପାରିବିନି ଏ ଦୁଃଖ

ନିର୍ବନ୍ଧରେ ଯୋଗଦେବାକୁ ସମସ୍ତଙ୍କୁ ଡାକିଥିଲି। ହେଲେ ନିର୍ବନ୍ଧକୁ ଯିବା ପୂର୍ବରୁ ଏଭଳି ଯେଉଁ ଦୁଃଖଦ ଘଟଣା ଘଟିଲା ତାହାକୁ ଭୁଲି ପାରିବେନି ବୋଲି କହିଛନ୍ତି ଡଙ୍କଲପାଡୁର ୟୁ. ଅଶୋକ ରେଡ୍ଡୀ। ବନ୍ଧୁ, ସମ୍ପର୍କୀୟଙ୍କ ସହ ବସ୍‌ରେ ଅଶୋକ ମଧ୍ୟ ଯାଇଥିଲେ। ବସ୍‌ଟି ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବା ପରେ ତାଙ୍କ ସହ ଅନ୍ୟମାନେ ଛଟପଟ ହୋଇଥିଲେ। ତଥାପି ସେ ଭଉଣୀ ଓ ପିଲାମାନଙ୍କୁ ଉଦ୍ଧାର କରିଥିଲେ ବୋଲି କହିଛନ୍ତି ଅଶୋକ। ପରେ ଆଖି ଆଗରେ ଦୁଇ ଭଉଣୀ ସବୁଦିନ ପାଇଁ ଆଖି ବୁଜିଦେଲେ ।

### ଛୁଟିଥିଲା ବୋଲି ଝିଅକୁ ପଠାଇ ହରାଇଲି

ରବିବାର ସ୍କୁଲ ଛୁଟି ଥିବାରୁ ଗାଁର ୟୁ. ଆଶୋକ ରେଡ୍ଡୀଙ୍କ ନିର୍ବନ୍ଧ ଭୋଜିକୁ ସବିତା ସାହୁ ନିଜର ଏକମାତ୍ର ଝିଅ ସରୋଜିନୀଙ୍କୁ ପଠାଇଥିଲେ। ହେଲେ ମେଧାବୀ ଝିଅ ଆଉ ଘରକୁ ଫେରିଲାନି। ସରୋଜିନୀ ବସ୍‌ରେ ଚିକରଡା ଅଭିମୁଖେ ଯାଇଥିଲେ। ବସ୍‌ରେ ନିଆଁ ଲାଗି ଯାଇଥିବା ଖବରପାଇ ମା' ସବିତା ମେଣ୍ଟରାଜପୁରରେ ପହଞ୍ଚିଲେ। ଝିଅକୁ ମେଡିକାଲକୁ ପଠାଯାଇଥିବା ସେ ଶୁଣିବାକୁ ପାଇଥିଲେ। ପରେ ଝିଅର ମୃତ୍ୟୁ ଘଟିଥିବା ଜାଣି ବାରମ୍ବାର ଅଚେତ ହୋଇ ପଡିଥିଲେ। ସ୍ୱାମୀ ବାହାର ରାଜ୍ୟରେ ରହୁଥିବାରୁ ଏବେ ଏକମାତ୍ର ପୁଅକୁ ନେଇ କିପରି ବଞ୍ଚିବେ ବୋଲି କୋହଭରା କଣ୍ଠରେ କହିଛନ୍ତି ସବିତା।

## ସଂକ୍ଷେପରେ

### ଲୁଟେରା ଗିରଫ, ମୋବାଇଲ ଜବତ



**ବ୍ରହ୍ମପୁର ଅଫିସ,୯।୨:** ସରକାରୀ ରେଳବାଇ ପୋଲିସ (ଜିଆରପି) ଜଣେ ଲୁଟେରାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ବାଣପୁର ତଳସାହିର ମହେଶ୍ୱର ମିଶ୍ର (୨୨)। ଜଣେ ଦିବ୍ୟାଙ୍ଗ ଟ୍ରେନ ଯାତ୍ରୀଙ୍କଠାରୁ ଲୁଟି ନେଇଥିବା ଏକ ମୋବାଇଲ ଫୋନ ପୋଲିସ ଲୁଟେରାଙ୍କଠାରୁ ଜବତ କରିଛି। ମାମଲା ନମ୍ବର ୨୨/୨୦ରେ ଅଭିଯୁକ୍ତ ମହେଶ୍ୱରଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗକାରୀଙ୍କୁ ମୋବାଇଲଟି ହସ୍ତାନ୍ତର କରାଯାଇଥିବା ନେଇ ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ, ଭୁବନେଶ୍ୱରରେ ଦିବ୍ୟାଙ୍ଗମାନଙ୍କର କ୍ରିକେଟ ମ୍ୟାଚର ଚୟନ ପ୍ରକ୍ରିୟାରେ ଯୋଗଦେବାକୁ ଆସିକା ଥାନା ଅନ୍ତର୍ଗତ ଭେଟନଇର ପ୍ରତାପ ଚନ୍ଦ୍ର ଗୌଡ଼ ଶନିବାର ରାତ୍ର ବ୍ରହ୍ମପୁର ଆସିଥିଲେ। ସେ ଶନିବାର ରାତି ପ୍ରାୟ ୧୦ ଟା ବେଳେ ରେଳଷ୍ଟେଶନର ୨ୟ ଶ୍ରେଣୀ ପ୍ରତିକ୍ଷାଳୟରେ ରହି ଭୁବନେଶ୍ୱର ଯିବା ପାଇଁ ଟ୍ରେନକୁ ଅପେକ୍ଷା କରିଥିଲେ। ହଠାତ ଜଣେ ଯୁବକ ସେଠାରେ ପହଞ୍ଚି ପ୍ରତାପଙ୍କ ହାତରୁ ମୋବାଇଲ ଫୋନଟି ଝାମ୍ପି ଦୌଡି ପଳାଇଥିଲେ। ପ୍ରତାପ ପାଟି କରିବାରୁ ସେଠାରେ ପାଟ୍ରୋଲିଂ କରୁଥିବା ଆରପିଏଫ ଓ ଜିଆରପି ପୋଲିସ ଲୁଟେରାଙ୍କୁ କାବୁ କରି ଥାନାକୁ ଆଣିଥିଲା। ଅଭିଯୁକ୍ତଙ୍କୁ ଜେରା ବେଳେ ପୂର୍ବରୁ ୨୦୧୯ ଅଗଷ୍ଟ ୧ରେ ଭୁବନେଶ୍ୱର ରେଳଷ୍ଟେଶନରେ ସେ ଜଣେ ଯାତ୍ରୀଙ୍କ ମୋବାଇଲ ଫୋନ ଲୁଟ ଘଟଣାରେ ଗିରଫ ହୋଇ ଜେଲ ଯାଇଥିଲା ବୋଲି ପୋଲିସ କହିଛି।

### ପରଳ ଚକ୍ଷୁ ଶିବିର

**ବ୍ରହ୍ମପୁର ଅଫିସ, ୯।୨:** ସ୍ଥାନୀୟ ଲୋଚାପଡ଼ା ରଘୁନାଥ ମନ୍ଦିର କଲ୍ୟାଣ ମଣ୍ଡପରେ ରବିବାର ଲାୟନସ୍ କ୍ଲବ ଅଫ୍ ଗ୍ୟାଲେକ୍ସି, ସନ୍ ଏଣ୍ଡ ନିଲ୍ ଫାଉଣ୍ଡେଶନ୍ ପକ୍ଷରୁ ପରଳ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଶଙ୍କର ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ପରଳ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଲାୟନ୍ସ କ୍ଲବ ସଭାପତି ପି.ଧର୍ମା ରାଓ, ସମ୍ପାଦକ ଜେ.ସୋମେଶ୍ୱର ରାଓ, ଲାୟନ୍ସ କ୍ଲବ ସଦସ୍ୟ ଏଲ.ଏନ. ମହାନ୍ତି, କୈଳାସ ପାତ୍ର ଓ ଅର୍ଜ୍ଜୁନ ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ। ୫୪ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୧୩ ଜଣ ରୋଗୀଙ୍କୁ ଚଷମା ପ୍ରଦାନ କରାଯାଇଛି। ୨୨ ଜଣଙ୍କୁ ପରଳ ଚିକିତ୍ସା ପାଇଁ ଶଙ୍କର ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି। ଶଙ୍କର ଚକ୍ଷୁ ଚିକିତ୍ସାଳୟ କର୍ମଚାରୀ ନଳିନୀ କାନ୍ତ ରାଉତ, ବି.ଲଳିତା, ଆଶିଷ ସାହୁ, ଶ୍ରୀମୁଖୀ ସେଠୀ, ସାଗର ମହାନ୍ତି ଓ ଏନ୍. ମୁନା ସହଯୋଗ କରିଥିଲେ।

# ଦକ୍ଷିଣ ଓଡ଼ିଶା ଇତିହାସ ସମାଜର ବାର୍ଷିକ ଅଧିବେଶନ

**ବ୍ରହ୍ମପୁର ଅଫିସ,୯।୨:** ସାହିତ୍ୟ ଓ ଇତିହାସ ଅଙ୍ଗାଙ୍ଗି ଭାବେ ଜଡ଼ିତ। ସାହିତ୍ୟ ବିନା ଇତିହାସ କିମ୍ବା ଇତିହାସ ବିନା ସାହିତ୍ୟ ରଚନା ସମ୍ଭବ ହେଇପାରି ନ ଥାଏ ବୋଲି ଦକ୍ଷିଣ ଓଡିଶା ଇତିହାସ ସମାଜ ଚତୁର୍ଥ ବାର୍ଷିକ ଅଧିବେଶନରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ଼.ସୁଦର୍ଶନ ଆଚାର୍ଯ୍ୟ ଏହା କହିଥିଲେ। ଓଡ଼ିଶାର ଇତିହାସକୁ ଜାଣିବାକୁ ହେଲେ ପୁରାତନ ତାଳପତ୍ର ପୋଥି ତଥା ପୁସ୍ତିକାକୁ ଅଧ୍ୟୟନ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟବକ୍ତା ପରାମର୍ଶ ଦେଇଥିଲେ। ରବିବାର ଶଶୀଭୂଷଣ ରଥ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ଆୟୋଜିତ ଅଧିବେଶନରେ ସମାଜର ସଭାପତି ତଥା ଅବସରପ୍ରାପ୍ତ ପ୍ରଫେସର ମଦନ ମୋହନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ଼.ହରିହର ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼.ସଙ୍ଗୀତା ବାବୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଇତିହାସ ଅଧ୍ୟୟନର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଭଗବାନ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଡା. ଚିତ୍ତରଞ୍ଜନ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡା. ଦେବରାଜ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ସେବା ମନୋବୃତ୍ତି ରଖି କାର୍ଯ୍ୟ କରିବାକୁ ଆହ୍ୱାନ

## ରୁବି ଚକ୍ଷୁ ଚିକିତ୍ସାଳୟର ପ୍ରତିଷ୍ଠା ଦିବସ

**ବ୍ରହ୍ମପୁର ଅଫିସ, ୯।୨:** ରୁବି ଚକ୍ଷୁ ଚିକିତ୍ସାଳୟ ଓ ଲାସିକ ସେଣ୍ଟରର ୧୧ତମ ପ୍ରତିଷ୍ଠା ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏମକେସିଜିର ଅବସରପ୍ରାପ୍ତ ପ୍ରଫେସର ଡା. ପି.ସି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଭିଜିଲାନ୍ସ ଏଏସପି ସାନ୍ତନୁ କୁମାର ପାଢୀ, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ପ୍ରଫେସର ଡା. ସୁରେଶ କୁମାର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଚିକିତ୍ସାଳୟ ଚେୟାରମ୍ୟାନ ପ୍ରଫେସର ନାଗେଶ୍ୱର ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡା. ପ୍ରବୀଣ ସୁବୁଦ୍ଧି ଅନୁଷ୍ଠାନ ପକ୍ଷରୁ ବିଗତ ବର୍ଷରେ ଆୟୋଜିତ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଉପରେ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟର ସେବାରେ ନିଜକୁ ନିୟୋଜିତ କରିବା ମନୁଷ୍ୟର ପରମ କର୍ତ୍ତବ୍ୟ । ତେଣୁ ସେବା ମନବୃତ୍ତି ରଖି କାର୍ଯ୍ୟ କରିବାକୁ ମୁଖ୍ୟଅତିଥି ଆହ୍ୱାନ ଦେଇଥିଲେ । ଏହି ଅବସରରେ ହ୍ୟାଣ୍ଡସ୍ ଅନ ଫାକୋ ଓ ଏସଆଇସିଏସର ସିଧାପ୍ରସାରଣ ଏବଂ 'ମ୍ୟାନେଜମେଣ୍ଟ ଅଫ ଇନ୍‌ଫେକସନ ଇନ୍ ମେଡିକାଲ ସାଇନ୍ସ' ଉପରିସ୍ଥ କର୍ମଶାଳା ଆୟୋଜିତ ହୋଇଥିଲା।



ମଞ୍ଚାସୀନ ଅତିଥି।

# ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଗଞ୍ଜାମର ରହିଛି ଅବଦାନ





ମଞ୍ଚାସୀନ ଅତିଥି।

## ଗଞ୍ଜାମ ଓଡିଆ ସାହିତ୍ୟ ଜାତୀୟ କର୍ମଶାଳା

ବ୍ରହ୍ମପୁର ଅଫିସ,୯।୨

ଓଡିଆ ଭାଷା ସାହିତ୍ୟ ପ୍ରତି ଗଞ୍ଜାମ ଜିଲାର ପ୍ରକୃତ ଅବଦାନ ରହିଛି। ଜିଲାରେ ଗଠିତ ଗଞ୍ଜାମ ସମ୍ମିଳନୀର ପ୍ରେରଣା ପରବର୍ତ୍ତୀ ସମୟରେ ଉତ୍କଳ ସମ୍ମିଳନୀ ଗଠନ କରିଥିଲା। ଯାହାକି ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ତେଣୁ ଗଞ୍ଜାମ ସାହିତ୍ୟର ପ୍ରଚାର ପ୍ରସାର, ବିକାଶ କ୍ଷେତ୍ରରେ ପ୍ରତ୍ୟେକ ସଚେତନ ହେବା ଆବଶ୍ୟକ। ରବିବାର ଆର୍‌ଡିସି ସମ୍ମିଳନୀ କକ୍ଷରେ ଆୟୋଜିତ ଗଞ୍ଜାମ ଓଡିଆ ସାହିତ୍ୟ ଜାତୀୟ କର୍ମଶାଳାରେ ସଭାପତିତ୍ୱ କରି କିସ୍‌ର ପ୍ରଫେସର ବସନ୍ତ କୁମାର ପଣ୍ଡା ଏହା କହିଥିଲେ। ବ୍ରହ୍ମପୁର ଆଇଏସଆରଡି ଓ ଭୁବନେଶ୍ୱରର ପୂଜ୍ୟପୂଜା ସାହିତ୍ୟ ସଂସଦ ମିଳିତ ଆନୁକୁଲ୍ୟରେ ଆୟୋଜିତ ଗଞ୍ଜାମ ଓଡିଆ ସାହିତ୍ୟ ଜାତୀୟ କର୍ମଶାଳାକୁ ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରାମଚନ୍ଦ୍ର ପଣ୍ଡା, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବ୍ରହ୍ମପୁରର ପୂର୍ବତନ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ପ୍ରମୁଖ ଯୋଗଦେଇଥିଲେ । ପୂଜ୍ୟପୂଜା ସାହିତ୍ୟ ସଂସଦ ସମ୍ପାଦକ ମହେଶ୍ୱର ବରାଡ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଇଏସଆରଡି ନିର୍ଦ୍ଦେଶକ ସୁଧୀର ରାଉତ ସ୍ୱାଗତ ଭାଷଣ ଦେଇଥିଲେ । ଆଇଏସଆରଡି ଅଧ୍ୟକ୍ଷ ହୟଗ୍ରୀବ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ 'ଗଞ୍ଜାମ ଭାଷା ଓ ଗୌରବ', 'ଆଧୁନିକ ଯୁଗରେ ଓଡିଆ, ସାହିତ୍ୟକୁ ଗଞ୍ଜାମର ଅବଦାନ'ପ୍ରମୁଖ ଶୀର୍ଷକ ଉପରେ ଆଲୋଚନା କରିଥିଲେ ।

